# Akashvani, Sambalpur

## SAMBALPURI NEWS EVENING BULLETIN

## 5 September 2026-7.02- 7.12 pm.

---

୧- ଗୁଣାତ୍ମକ ଶିକ୍ଷା ଜରିଏ ହିଁ ବିକଶିତ୍ ଭାରତ୍ ଲକ୍ଷ୍ୟ ହାସଲ୍ ହେଇପାର୍‌ବା- କହେଲେ ରାଷ୍ଟ୍ରପତି ।

- ଗୁରୁଦିବସ୍ ଅବ୍‌ସରେ ନୂଆଦିଲ୍ଲୀ ନ ୪୮ ଝନ୍ ଶିକ୍ଷକଙ୍କୁ ଦେଲେ ଜାତୀୟ ଶିକ୍ଷକ୍ ପୁରସ୍କାର୍ ।

୨- ସାମାଜିକ୍ ଗଣମାଧ୍ୟମ୍‌ଥି ଅଏତ୍‌କା ସମିଆ ନଷ୍ଟ ନାଇଁକରିକରି ପାଠ୍ ପଢ଼୍‌ବାର୍‌କେ ଛାତ୍ରଛାତ୍ରୀମାନ୍‌କୁ ପରାମର୍ଶ ଦେଲେ ମୁଖ୍ୟମନ୍ତ୍ରୀ ।

- କଟକ୍ ନ ସେକେଣ୍ଡରୀ ବୋର୍ଡ଼ ହାଇସ୍କୁଲ୍ ନ ଗୁରୁଦିବସ୍ ସମାରୋହଥି ଦେଲେ ଯୋଗ୍ ।

୩- ରାଜ୍ୟ ଉଚ୍ଚଶିକ୍ଷା ବିଭାଗ୍ ତର୍‌ଫୁ ଭିନ୍ ଭିନ୍ କାର୍ଯ୍ୟକ୍ରମ୍‌ର ହେଲା ଶୁଭାରମ୍ଭ ।

ଆଉର୍

୪- ପଶ୍ଚିମ ଓଡ଼ିଶାର୍ ଗଣପର୍ବ ନୂଆଖାଇ ଲାଗି ଲଗନ୍ ହେଲା ଧାରିଜ୍ ।

ରାଷ୍ଟ୍ରପତି- ଜାତୀୟ ଶିକ୍ଷକ୍ ପୁରସ୍କାର ଏନ୍ଏସ୍ଡି

ଗୁଣାତ୍ମକ ଶିକ୍ଷା ଜରିଏ ହିଁ ବିକଶିତ୍ ଭାରତ୍ର ଲକ୍ଷ୍ୟ ହାସଲ୍ ହେଇପାର୍ବା ବଲି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ କହିଛନ୍ । ଗୁରୁଦିବସ୍ ଅବ୍ସରେ ନୂଆଦିଲ୍ଲୀ ନ ହେଇଥିବା ଜାତୀୟ ଶିକ୍ଷକ୍ ପୁରସ୍କାର୍ ସମାରୋହ-୨୦୨୬ କେ ସମ୍ବୋଧନ୍ କରିକରି ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ କହିଛନ୍, ଯେନ୍ ସମାଜ୍ ନିଜର୍ ଶିକ୍ଷକ୍ ମାନ୍କୁ ସମ୍ମାନ୍ କର୍ସି- ସେ ସମାଜ ପ୍ରକୃତ୍ ଭାବେ ଗୁଟେ ପ୍ରଗତିଶୀଳ ସମାଜ୍ ଆଏ । ରାଷ୍ଟ୍ରପତି କହିଛନ୍, ଶିକ୍ଷାଗତ ଉତ୍କର୍ଷ, ଦକ୍ଷତା ବିକାଶ୍ ଆଉ ଉଦ୍ୟୋଗୀକରଣ୍ ଦେଶର୍ ବିକାଶ୍ଥି ଗୁରୁତ୍ୱପୂର୍ଣ୍ଣ ଭୂମିକା ନେସି । ଭାରତ୍କେ ଗୁଟେ ଜ୍ଞାନଶକ୍ତିଥି ପରିଣତ୍ କର୍ବାର୍ ସହେତେ ପୁର୍ଥିର୍ ସ୍କିଲ୍ କେପିଟାଲ୍ ବା ଦକ୍ଷତାର୍ ରାଜ୍ଧାନୀ ଭାବେ ପ୍ରତିଷ୍ଠିତ କର୍ବାର୍ଟା ଦେଶର୍ ପ୍ରାଥମିକତା ବଲି ସେ କହିଛନ୍ ।

(ଭଏସ୍ ଓଭର୍- ରାଷ୍ଟ୍ରପତି)

ରାଷ୍ଟ୍ରପତି ଆହୁରି କହିଛନ୍, ବହୁତ୍‌ଟେ ଛାତ୍ରଛାତ୍ରୀ ଆର୍ଥିକ୍ ଭାବେ ଦୁର୍ବଲ୍ ପରିବାର୍‌ନୁ ଆସିଥିସନ୍ । ସେମାନ୍‌କର୍ ଭିତ୍‌ରୁ କେହି ପରିବାର୍‌ର ପହେଲା ପିଢ଼ିର୍ ଶିକ୍ଷାର୍ଥୀ ହେଇଥିସନ୍ ଆଉ କେତେଝନ୍ ସାଧାରଣ ଗ୍ରାମୀଣ୍ ବିଦ୍ୟାଲୟନୁ ବଡ଼ ସହରର୍ ବିଦ୍ୟାଲୟକେ ଆସିଥିସନ୍ ।

ଇ ଛାତ୍ରଛାତ୍ରୀମାନ୍‌କର୍ ମନ୍ ଭିତ୍‌ରେ ଆତ୍ମବିଶ୍ୱାସ୍ ସୃଷ୍ଟି କର୍‌ବାର୍ ଆଉ କେନ୍‌ସି କାରଣ୍‌ନୁ ନିଜ୍‌କେ ଅସମର୍ଥ ମନେ କରୁଥିବା ଛାତ୍ରଛାତ୍ରୀମାନ୍‌କୁ ଉନ୍ନତି ପଥଥି ଆନ୍‌ବାର୍ ଶିକ୍ଷକ୍ ମାନ୍‌କର୍ ଖାସ୍ ଦାୟିତ୍ୱ ବଲି ରାଷ୍ଟ୍ରପତି କହିଛନ୍ । ଇ ଅବ୍‌ସରେ ୨୭ ଟା ରାଜ୍ୟ, ୭ ଟା କେନ୍ଦ୍ରଶାସିତ୍ ଅଂଚଲ୍ ଆଉ କେନ୍ଦ୍ର ସର୍‌କାର୍‌ଙ୍କର୍ ୬ ଟା ସଂଗଠନ୍‌ନୁ ବଛା ହେଇଥିବା ୪୮ ଝନ୍ ସ୍କୁଲ୍ ଶିକ୍ଷକ୍‌ଙ୍କୁ ଜାତୀୟ ଶିକ୍ଷକ୍ ପୁରସ୍କାର୍ ଦିଆଯାଇଛେ । ଇତାର୍ ଭିତ୍‌ରେ ଓଡ଼ିଶାର୍ ୪ ଝନ୍‌କୁ ଇ ପୁରସ୍କାର୍ ମିଲିଛେ । ସେମାନେ ହେଲେ ମୟୁର୍‌ଭଞ୍ଜ୍ ଜିଲ୍ଲା କରଞ୍ଜିଆ ଏକଲବ୍ୟ ଆଦର୍ଶ ବିଦ୍ୟାଲୟର୍ ଶିକ୍ଷକ୍ ମହମ୍ମଦ୍ ଜଫର୍ ଆଲାମ୍, ଜଗତ୍‌ସିଂହପୁର୍ ଆଳିପିଙ୍ଗଳ ସର୍‌କାରୀ ହାଇସ୍କୁଲ୍‌ର ପ୍ରଧାନ୍ ଶିକ୍ଷକ୍ ପଦରାଜ ଉମାକାନ୍ତ ନାୟକ, ଆଇଆଇଟି

ଭୁବ୍‌ନେଶ୍ୱର୍‌ର ପଦାର୍ଥ ବିଜ୍ଞାନ୍‌ର ସହ-ଅଧ୍ୟାପକ ଡକ୍ଟର୍ ଶ୍ରୀକାନ୍ତ ଗୋଲାପୁଡ଼ି, ସିଟିଟିସି ଭୁବ୍‌ନେଶ୍ୱର୍‌ର ଶିକ୍ଷକ୍ ପ୍ରଣବ୍ କୁମାର୍ ଚୌଧୁରୀଙ୍କୁ ଇ ପୁରସ୍କାର୍ ରାଷ୍ଟ୍ରପତି ଦେଇଛନ୍ ।

ଗୁରୁଦିବସ-ମୁଖ୍ୟମନ୍ତ୍ରୀ          ଆଇ.ଆଣ୍ଡ୍.ପି.ଆର୍

ସାମାଜିକ୍ ଗଣମାଧ୍ୟମ୍‌ଥି ଅଏତ୍‌କା ସମୟ ନଷ୍ଟ ନାଇଁ କରିକରି ଗୁଟେ ମନ୍ ଆଉ ଗୁଟେ ପ୍ରାଣ ହେଇକରି ପାଠ୍‌ପଢ଼୍‌ବାର୍‌କେ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଛାତ୍ରଛାତ୍ରୀମାନ୍‌କୁ ପରାମର୍ଶ ଦେଇଛନ୍ । କଟକ୍ ନ ସେକେଣ୍ଡେରୀ ବୋର୍ଡ଼ ହାଇସ୍କୁଲ୍ ଠାନେ ହେଇଥିବା ଗୁରୁଦିବସ୍ ସମାରୋହଥି ଯୋଗ୍ ଦେଇକରି ପିଲାମାନ୍‌କର୍ ସାଙ୍ଗେ କଥାବାର୍ତା ହେବାର୍ ଅବ୍‌ସରେ ମୁଖ୍ୟମନ୍ତ୍ରୀ ସେମାନ୍‌କୁ ନିଜର୍ କେରିଅର୍ ଗଢ଼୍‌ବାର୍ ଉପ୍‌ରେ ଧ୍ୟାନ୍ ଦେଇକରି ଇ ପରାମର୍ଶ ଦେଇଛନ୍ ।

(ଭଏସ୍ ଓଭର୍- ମୁଖ୍ୟମନ୍ତ୍ରୀ)

ମୁଖ୍ୟମନ୍ତ୍ରୀ କହିଛନ୍ ୧୨ ହଜାର୍ କୋଟି ଟଙ୍କା ଖର୍ଚ୍ଚାଥି ୨ ହଜାର୍ ୨ ଶହ ଟା ବିଶ୍ୱସ୍ତରୀୟ ଗୋଦାବରିଶ ଆଦର୍ଶ ପ୍ରାଥମିକ

ବିଦ୍ୟାଲୟ ରାଏଜେ ତିଆର୍ କରାଯାଉଛେ । ପ୍ରାକ୍ ବିଦ୍ୟାଲୟ ପିଲାମାନ୍‌କର୍ ଲାଗି ୪୫ ହଜାର୍ ଟା ଶିଶୁ ବାଟିକା ଖୁଲାଯାଇଛେ । ୯ ଆର୍ ୧୦ ଶ୍ରେଣୀ ଛାତ୍ରଛାତ୍ରୀମାନ୍‌କର୍ ଲାଗି ମଧ୍ୟାହ୍ନ ଭୋଜନ୍ ଆର୍ ପାଠ୍‌ପଢ଼ା ବହି ଯୁଗାବାର୍, ଆଦିବାସୀ ପିଲାମାନ୍‌କର୍ ଲାଗି ଶହୀଦ୍ ମାଧୋ ସିଂ ହାତଖର୍ଚ୍ଚ ଯୋଜ୍‌ନା ଆଉ ଆଏବା ୩ ବଛର୍ ଭିତ୍‌ରେ ୪୫ ହଜାର୍ ଶିକ୍ଷକ୍ ପଦ୍‌ବୀ ପୂରଣ୍ ଲାଗି ସର୍‌କାରୀ ପ୍ରତିଶ୍ରୁତିବଦ୍ଧତାକେ ମୁଖ୍ୟମନ୍ତ୍ରୀ ଆଉ ଥରେ କହିଛନ୍ । ସମାରୋହଥି ସ୍ଥାନୀୟ ବିଧାୟକ୍, ଜିଲ୍ଲାପାଲ୍, କମିଶନର୍ ଆଉ ବରିଷ୍ଠ ପଦାଧିକାରୀମାନେ ଉପସ୍ଥିତ୍ ଥିଲେ ।

ବୁଝାମଣାପତ୍ର        ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଜ୍ୟ ଉଚ୍ଚଶିକ୍ଷା ବିଭାଗ୍ ଆଏଜ୍ ସି.ଏସ୍.ଆର୍ ବକ୍ସ, ନନ୍ଦି ଫାଉଣ୍ଡେସନ୍ ଆର୍ ଓ.କେ.ସି.ଏ.ଏଲ୍. ସାଙ୍ଗେ ୩ ଟା ବୁଝାମଣାପତ୍ର ସ୍ୱାକ୍ଷରିତ୍ କରିଛେ । ଇତାର୍‌ସହେତେ ନାସ୍‌କମ୍ ସହଭାଗିତାଥି ଏ.ଆଇ. କୋର୍ସ ଫର୍ ଅଲ୍ କାର୍ଯ୍ୟକ୍ରମ୍‌ର ଭିଲ୍

ଶୁଭାରମ୍ଭ ହେଇଛେ । ଗୁରୁଦିବସ୍ ଅବ୍‌ସରେ ଉଚ୍ଚଶିକ୍ଷା ବିଭାଗ୍ ତର୍‌ଫୁ ଭିନ୍ ଭିନ୍ କାର୍ଯ୍ୟକ୍ରମ୍‌ର ଭିଲ୍ ଶୁଭାରମ୍ଭ କରାଯାଇଛେ ।

ଓଡ଼ିଶାର୍ ୪୦ ଝନ୍ ଅଧ୍ୟାପକଙ୍କୁ ଅହମ୍ମଦାବାଦ୍‌ର ଇ.ଡି.ଆଇ.ଆଇ. ଅନୁଷ୍ଠାନ୍‌କେ ଏକ୍ସପୋଜର୍ ଭିଜିଟ୍ ଲାଗି ପଠାବାର୍, ରାଜ୍ୟର୍ ଉଚ୍ଚଶିକ୍ଷାନୁଷ୍ଠାନ୍ ଆର୍ ଶିକ୍ଷକ୍‌ମାନ୍‌କର୍ କାର୍ଯ୍ୟଦକ୍ଷତା ଲାଗି ଆକାଡେମିକ୍ ପର୍‌ଫର୍‌ମାନ୍ସ ଆସେସ୍‌ମେଂଟ୍ ପୋର୍ଟାଲ୍, ମହାବିଦ୍ୟାଳୟ ଆଉ ବିଶ୍ୱବିଦ୍ୟାଳୟ ନ ହେଉଥିବା ପରୀକ୍ଷା ମାନ୍‌କର୍ ପ୍ରଶ୍ନପତ୍ରର୍ ଗୁଣବତାକେ ସୁନିଶ୍ଚିତ୍ କର୍‌ବାର୍ ଲାଗି ପ୍ରଶ୍ନବେଙ୍କ୍ ପୋର୍ଟାଲ୍‌ର ଶୁଭାରମ୍ଭ ହେଇଛେ । ଭୁବ୍‌ନେଶ୍ୱର୍ କଳିଙ୍ଗ ଷ୍ଟାଡ଼ିୟମ୍ ନ ହେଇଥିବା ଆଝିରର୍ କାର୍ଯ୍ୟକ୍ରମଥି ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ୍ ମୁଖ୍ୟଅତିଥି ଭାବେ ଯୋଗ୍ ଦେଇଥିଲେ । ଇ ଅବ୍‌ସରେ ସେ କହିଛନ୍, ଉଚ୍ଚଶିକ୍ଷା ବିଭାଗ୍ ଆଉ ଆଇ.ବି.ଏମ୍.-ସି.ଏସ୍.ଆର୍ ବକ୍ସ ଭିତ୍‌ରେ ହେଇଥିବା ବୁଝାମଣାପତ୍ର ସ୍ୱାକ୍ଷର୍ ଜରିଏ ରାଜ୍ୟର୍ ୧ ଲାଖ୍ ୨୫ ହଜାର୍‌ନୁ ଅଏତ୍‌କା ଛାତ୍ରଛାତ୍ରୀଙ୍କର୍ ଦକ୍ଷତା ବିକାଶ୍ କରାଯିବା ।

ଉଚ୍ଚଶିକ୍ଷା ବିଭାଗ୍ ଆଉ ନନ୍ଦି ଫାଉଣ୍ଡେସନ୍ ଭିତ୍‌ରେ ହେଇଥିବା ସ୍ୱାକ୍ଷର ଜରିଏ ସ୍ନାତକ ଆଉ ସ୍ନାତକୋତର ପାଠ୍ୟକ୍ରମ୍‌ଥି ପଢୁଥିବା ଶେଷବଛ୍‌ରର୍ ଛାତ୍ରୀମାନ୍‌କୁ ତାଲିମ୍ ଦିଆଯିବା ।

ଯେନ୍ଟାକି ନିଯୁକ୍ତି କ୍ଷେତ୍ରଥି ଛାତ୍ରୀମାନ୍‌କୁ ସାହାଜ୍ ହେବା । ଓକେସିଏଲ୍ ସାଙ୍ଗେ ହେଇଥିବା ବୁଝାମଣାପତ୍ର ସ୍ୱାକ୍ଷର୍ ଜରିଏ ଡିଜିଟାଲ୍ ମୋଡ୍‌ଥି ଛାତ୍ରଛାତ୍ରୀମାନ୍‌କୁ ୩୦ ଘଂଟାର୍ କମ୍ୟୁନିକେସନ୍ ସ୍କିଲ୍ ପ୍ରୋଗ୍ରାମ୍, ୧୦ ଘଂଟାର୍ ଏ.ଆଇ. ଆଧାରିତ୍ କୋର୍ସ ଆଉ ଶିକ୍ଷକ୍ ଆଉ ଶିକ୍ଷୟିତ୍ରୀ ମାନ୍‌କୁ ଏ.ଆଇ. ଓରିଏଂଟେସନ୍ କୋର୍ସ ଦିଆଯିବା । ଆଝିରର୍ କାର୍ଯ୍ୟକ୍ରମଥି ଉଚ୍ଚଶିକ୍ଷା ବିଭାଗ୍‌ର କମିଶନର୍ ଅରବିନ୍ଦ ଅଗ୍ରୱାଲ୍‌ଙ୍କର୍ ସହେତେ ଅଲ୍‌ଗା ବରିଷ୍ଠ ପଦାଧିକାରୀମାନେ ଉପସ୍ଥିତ୍ ଥିଲେ ।

ନୂଆଖାଇ ଲଗନ୍ ଧାରିଜ୍ ସମ୍ବଲପୁର ସମ୍ବାଦଦାତା

ପଶ୍ଚିମ ଓଡ଼ିଶାର୍ ଗଣପର୍ବ ନୂଆଖାଇର୍ ଲଗନ୍ ଆଏଜ୍ ଧାରିଜ୍ ହେଇଛେ । ଆଏବା ୧୫ ତାରିଖ୍ ଭୁଦୋ ମାସର୍ ଉଜଲ୍‌ପଖର୍ ପଂଚମୀ ତିଥି ମଙ୍ଗଲ୍‌ବାର୍ ସଖାଲର୍ ୯ ବାଜିକରି ୪୦ ମିନିଟ୍‌ନୁ ୯ ବାଜିକରି ୫୪ ମିନିଟ୍ ଭିତ୍‌ରେ ଶୁଭ ଲଗନ୍ ଧାରିଜ୍ ହେଇଛେ । ଇ ସମିଆ ଭିତ୍‌ରେ ପଶ୍ଚିମ ଓଡ଼ିଶାର୍

ଇଷ୍ଟଦେବୀ ମା ସମଲେଶ୍ୱରୀଙ୍କର୍ ଠାନେ ନବାନ୍ନ ଲାଗି କରାଯିବା । ଇତାର୍ ଉତ୍‌ରୁ ସାରା ପଶ୍ଚିମ ଓଡ଼ିଶାବାସୀ ନୂଆ ଖାଏବେ । ସମ୍ବଲ୍‌ପୁର୍ ବ୍ରହ୍ମପୁରା ମନ୍ଦିର୍ ପରିସର୍ ନ ପଣ୍ଡିତ୍ ମଣ୍ଡଳୀ ବସିକରି ଆଏଜ୍ ଲଗନ୍ ଧାରିଜ୍ କରିଛନ୍ । ପହେଲା ବିଦ୍ୱାନ୍, ପଣ୍ଡିତ ପହଁଚିବାର୍ ଉତ୍‌ରୁ ବିଷ୍ଣୁ ସହସ୍ରନାମ ପାଠ କରିଥିଲେ । ଇତାର୍ ଉତ୍‌ରୁ ସମଲେଇଙ୍କର୍ ରାଶି, ନକ୍ଷତ୍ର ଗଣନା କରିକରି ଇ ଲଗନ୍ ଧାରିଜ୍ କରାଯାଇଛେ । ଇ ଲଗ୍ନପତ୍ରକେ ବ୍ରହ୍ମପୁରା ମନ୍ଦିର ଟ୍ରଷ୍ଟ କମିଟି ସଦସ୍ୟ ଆଉ ମନ୍ଦିର୍ ପୂଜକ ଯାଇକରି ମା ସମଲେଇଙ୍କର୍ ନ ଲଗ୍ନପତ୍ର ପ୍ରଦାନ୍ କର୍‌ବେ । ଇ ବାବ୍‌ଦେ ପଣ୍ଡିତ କୃଷ୍ଣଚନ୍ଦ୍ର ପାଣିଗ୍ରାହୀ କହିଛନ୍,

(ଭଏସ୍ ଓଭର୍- ପଣ୍ଡିତ)

ନୂଆଖାଇ ଲଗନ-୧ ସୁବର୍ଣ୍ଣପୁର୍ ସମ୍ବାଦଦାତା

ସୁବର୍ଣ୍ଣପୁର୍ ଜିଲ୍ଲା ସହେତେ ବୌଦ୍ଧ ଜିଲ୍ଲାର୍ ପଂଚରା ଅଂଚଲ୍ ଲାଗି ଆଏଜ୍ ସୁବର୍ଣ୍ଣପୁର୍ ଠାନେ ଗଣପର୍ବ ନୂଆଖାଇ ଲଗନ୍ ସ୍ଥିର

ହେଇଛେ । ସୁବର୍ଣ୍ଣପୁର୍ ରାଜବାଟୀ ପରିସର୍ ନ ଥିବା ଜଗନ୍ନାଥ ମନ୍ଦିର୍‌ର ମୁକ୍ତିମଣ୍ଡପ ଠାନେ ହେଇଥିବା ପଣ୍ଡିତ ମହାସଭାଥି ଚଲ୍‌ତି ବଛର୍‌ର ନୂଆଖାଇ ଲଗନ୍ ସ୍ଥିର କରାଯାଇଛେ । ଆଏବା ୧୫ ତାରିଖ ମଙ୍ଗଲ୍‌ବାର୍ ସଖାଲର୍ ୯ ବାଜିକରି ୫୦ ମିନିଟ୍‌ନୁ ୧୦ ବାଜିକରି ୧୪ ମିନିଟ୍ ଭିତ୍‌ରେ ଲଗନ୍ ଧାରିଜ୍ ହେଇଛେ । ଇ ଲଗନ୍ ହିସାବେ ସୁବର୍ଣ୍ଣପୁର୍‌ର ଅଧିଷ୍ଠାତ୍ରୀ ଦେବୀ ମା ସୁରେଶ୍ୱରୀଙ୍କର୍ ପାଖେ ପାହୁର ଭୋଗ ଲାଗି ଉତ୍‌ରୁ ସୁବର୍ଣ୍ଣପୁର୍, ବୌଦ୍ଧ ଜିଲ୍ଲାର୍ କଂଟାମାଲ୍-ଫଂଚରା ଅଂଚଲ୍ ନ ଲୁକେ ନିଜର୍ ନିଜର୍ ଇଷ୍ଟଦେବୀଙ୍କର୍ ପାଖେ ନୂଆ ଲଗାବେ । ଇତାର୍ ଉତ୍‌ରୁ ସଭେ ନୂଆ ଖାଏବେ ।

ନନ୍ଦୋତ୍ସବ୍ ପୁରୀ/ସୁବର୍ଣ୍ଣପୁର ସମ୍ବାଦଦାତା

ପୁରୀ ଶ୍ରୀମନ୍ଦିର୍ ନ ଆଏଜ୍ ନନ୍ଦୋତ୍ସବ୍ ନୀତି ପାଲନ୍ ହେଉଛେ । ଶ୍ରୀଜୀଉମାନ୍‌କର୍ ମଙ୍ଗଳ ଆଲ୍‌ତୀ ନୀତି ସର୍‌ବାର୍ ଉତ୍‌ରୁ ମହାଜନ ସେବକ ରାମକୃଷ୍ଣଙ୍କୁ ଆନିକରି ଜଗ୍‌ମୋହନ୍ ଦୁଲିଥି ଆଉ ଦକ୍ଷିଣ ଘରୁ ମଦନ୍‌ମୋହନ୍ ଦୁଲିଥି ବିଜେ ହେଇଛନ୍ ।

ଶ୍ରୀଜୀଉମାନ୍‌କର୍ ମଇଲମ ଆଉ ଅଲ୍‌ଗା ନୀତି ସର୍‌ବାର୍ ଉତ୍‌ରୁ ମାହାପୁରୁ ଶ୍ରୀଜଗନ୍ନାଥ୍, ଆଉ ଦେବୀ ସୁଭଦ୍ରାଙ୍କର୍ ପାଖେ ସଠି ଆଉ ମାର୍କଣ୍ଡି ପୂଜା କରାଯାଇଛେ । ସଞ୍ଜ୍‌ବେଲେ ଭିତରଛ ମହାପାତ୍ର ନନ୍ଦରାଜା ଭାବେ ଶ୍ରୀନଅରକେ ଯାଇ ଫିରିଆସିକରି ସ୍ନାନ ମଣ୍ଡପ୍ ଉପ୍‌ରେ ବସ୍‌ବେ । ଭରତିଆ ଗଉଡ଼ ପୁତ୍ର ଜନ୍ମହେବାର୍ ଖବର୍ ନନ୍ଦ ରାଜାଙ୍କୁ ଦେବେ ।

ସୁବର୍ଣ୍ଣପୁର୍ ଜିଲ୍ଲା ନ ଆଏଜ୍ ପାତାଳି ଶ୍ରୀକ୍ଷେତ୍ର, ଶ୍ୟାମସୁନ୍ଦର କୁଞ୍ଜକୁଟୀର, ଶ୍ରୀଗୋପାଲ୍‌ଜୀ ମନ୍ଦିର୍, ଶୈନଗିରିର ଯୋଗେଶ୍ୱର୍ ପୀଠ ସହେତେ ଭିନ୍ ଭିନ୍ ମଠ ଆର୍ ମନ୍ଦିର୍ ମାନ୍‌କେ ପାରମ୍ପରିକ୍ ନନ୍ଦୋତ୍ସବ୍ ହେଇଯାଇଛେ ।

ଓଡ଼ିଶା ପର୍ଯ୍ୟଟନ୍ ଭିଜନ ଆଇ.ଆଣ୍ଡ.ପି.ଆର୍

ରାଏଜେ ପର୍ଯ୍ୟଟନ୍‌ର ବିକାଶ୍‌କେ ଅଏତ୍‌କା ଗତିଶୀଳ ଆଉ ସ୍ଥାନୀୟ ଅର୍ଥନୀତିର୍ ଉନ୍ନତି ସହେତେ ଜୁଡ଼୍‌ବାର୍ ଉଦ୍ଦେଶ୍ୟ୍ରେ ଆଏଜ୍ ପର୍ଯ୍ୟଟନ୍ ବିଭାଗ୍ ତର୍‌ଫୁ ଓଡ଼ିଶା ପର୍ଯ୍ୟଟନ୍ ଭିଜନ୍ - ୨୦୩୬ -୪୭ ଆଧାର୍‌ରେ ସ୍ଥାନୀୟ ପର୍ଯ୍ୟଟନ୍ ପ୍ରୋତ୍ସାହନ୍

ପରିଷଦ୍‌ର ଗୁଟେ ଓରିଂଟେସନ୍ କାର୍ଯ୍ୟକ୍ରମ୍ ଆଭାସୀ ଜରିଏ ହେଇଯାଇଛେ । ମୁଖ୍ୟ ଶାସନ୍ ସଚିବ ଅନୁ ଗର୍ଗଙ୍କର୍ ଅଧ୍ୟକ୍ଷତାଥି ହେଇଥିବା ଇ ବୈଠକ୍‌ଥି ଭିନ୍ ଭିନ୍ ଜିଲ୍ଲାର୍ ଉପଜିଲ୍ଲାପାଲ୍, ସ୍ଥାନୀୟ ପର୍ଯ୍ୟଟନ୍ ପ୍ରୋତ୍ସାହନ୍ ପରିଷଦ୍‌ର ଅଧ୍ୟକ୍ଷ ଆଉ ପରିଷଦ୍‌ର ସଦସ୍ୟ ଥିବା ଥାନା ଅଧିକାରୀଙ୍କର୍ ସହେତେ ସମ୍ପୃକ୍ତ ବିଭାଗ୍‌ର ଅଧିକାରୀମାନେ ଯୋଗ୍ ଦେଇଥିଲେ । ଇ ଅବ୍‌ସରେ ମୁଖ୍ୟ ଶାସନ୍ ସଚିବ ଶ୍ରୀମତୀ ଗର୍ଗ ବିକଶିତ୍ ଓଡ଼ିଶା ୨୦୩୬ ଆଉ ବିକଶିତ୍ ଭାରତ୍ ୨୦୪୭ ଆଭିମୁଖ୍ୟ ବାବ୍‌ଦେ ଆଲୋକପାତ କରିକରି ରାଏଜେ ପର୍ଯ୍ୟଟନ୍‌ର ବିକାଶ୍ ଉପ୍‌ରେ ଜୋର୍ ଦେଇଛନ୍ । ପର୍ଯ୍ୟଟନ୍ କେନ୍ତା ସ୍ଥାନୀୟ ଅର୍ଥନୀତି ସହେତେ ଜିଲ୍ଲା, ରାଜ୍ୟ ଆଉ ଦେଶର୍ ଅର୍ଥନୈତିକ୍ ବିକାଶ୍‌ଥି ଉଲ୍ଲେଖନୀୟ ଯୋଗଦାନ୍ ଦେଇପାର୍‌ବା ସେ ବାବ୍‌ଦେ ବୈଠକ୍‌ଥି ଆଲୋଚନା ହେଇଛେ ।